## ଜମି ବିବାଦରୁ ହତ୍ୟାକାଣ୍ଡ

ତେଲକୋଇ,(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ କାଳିଆହତା ଗ୍ରାମରେ ରବିବାର ଜମି ବିବାଦରୁ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଦାମ ମୁଣ୍ଡା। ହତ୍ୟାକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଆଜି କ'ଣ କେଉଁଠି

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ତୁଳମତୁଳା, ବାସୁଦେବପୁର। ସମୟ: ସକାଳ ୯ଟା ୩୦।

## କଫସିରପ, ନିଶା ଔଷଧ ଜବତ: ୩ ଗିରଫ

ଝୁମ୍ପୁରା, ୮।୮ (ଡି.ଏନ.ଏ.): କେନ୍ଦୁଝର ଝୁମ୍ପୁରା ଅଞ୍ଚଳରେ ଦେଶୀମଦ, ଗଞ୍ଜେଇ, ଡ୍ରଗ୍ସ ପରେ ଏବେ କଫସିରପ ଓ ନିଶା ଟାବ୍‌ଲେଟ୍‌ର ମଧ୍ୟ ବ୍ୟାପକ ବେପାର ଚାଲିଥିବା ଘଟଣା ପଦାକୁ ଆସିଛି। ୨୦ନଂ. ଜାତୀୟ ରାଜପଥର ମୁରୁସୁଆଁ ଗାଁ ନିକଟରେ ଶନିବାର ମଧାହ୍ନରେ ଗ୍ରାମବାସୀ ୩ ଯୁବକଙ୍କୁ ଅଟକ ରଖି ଝୁମ୍ପୁରା ପୋଲିସ ଜିମା ଦେଇଥିଲେ। ସେମାନଙ୍କ ନିକଟରୁ ୨୪ ବୋତଲ କଫସିରପ ସହିତ ୧୮ଷ୍ଟ୍ରିପ୍ ନିଶା ଟାବ୍‌ଲେଟ ସହ ବ୍ୟବହୃତ ବାଇକ୍ ମଧ ଜବତ ହୋଇଛି। ପୋଲିସ ମାମଲା (ନଂ. ୮୯/୨୧) ରୁଜୁ କରି ଉକ୍ତ ୩ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯୋଡ଼ା ଅଞ୍ଚଳର ପ୍ରଭାକର ଲୋହାର, ସୁନୀଲ ଗୋପ ଓ ବାବୁଲି ମୁଣ୍ଡା। ଝୁମ୍ପୁରାରେ ଥିବା ଔଷଧ ଦୋକାନଗୁଡ଼ିକରୁ ଏହି କଫ୍‌ସିରପ ଓ ଟାବ୍‌ଲେଟ ଯୋଗାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏନେଇ ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ସୂଚନା ଦିଆଯାଇଛି।

## ଶ୍ରମିକଙ୍କ ମୃତଦେହ ଜବତ

ଭଣ୍ଡାରିପୋଖରୀ,୮।୮(ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆ ସ୍ଥିତ ଏକ ବୁଦା ନିକଟରୁ ରବିବାର ଜଣେ ଶ୍ରମିକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ତୋରାଣି ପୋଖରୀ ଗ୍ରାମର ଗୁରା ମୁଣ୍ଡା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରା ସ୍ତ୍ରୀ ମଞ୍ଜୁଙ୍କ ସହ ଭଣ୍ଡାରିପୋଖରୀ ବାଙ୍କମୁହାଁ ଗ୍ରାମର ଚଣ୍ଡାଳି ସାହିକୁ ବିଲ କାମ କରିବା ପାଇଁ ଗତ ସପ୍ତାହରେ ଆସିଥିଲେ। ଶନିବାର ସନ୍ଧ୍ୟାରୁ ଗୁରା ନିଖୋଜ ଥିଲେ। ରବିବାର ଉକ୍ତ ବୁଦା ନିକଟରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବର ପାଇ ମଞ୍ଜୁ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରଙ୍ଗମିସ୍ତ୍ରି ମୃତ

ଯୋଡ଼ା, ୮।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ଆଜାଦ ବସ୍ତିଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ରଙ୍ଗମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେଖ୍ ମାନୱାର। ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟରେ। ରବିବାର ସେ ଜଣଙ୍କ ଘର ଛାତ ଉପରେ ରଙ୍ଗ ଲଗାଉଥିବାବେଳେ ୪୪୦ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ କରେଣ୍ଟ ଖାଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଅପମୃତ୍ୟୁ ମାମଲା (ନଂ.୨୫/୨୧) ରୁଜୁ ହୋଇଥିବା ଯୋଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

## କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଠାକୁରମୁଣ୍ଡା,୮।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଠାକୁରମୁଣ୍ଡା ବଜାରରେ ଥିବା ଜେନା ସାହି ଛକ ନିକଟରେ ରବିବାର କାର୍ ଧକ୍କାରେ ୨ ବାଇକ୍ ଅରୋହୀ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳର ଦେବାଶିଷ ସାହୁ ଓ ମଞ୍ଜୁରୀରୋଡ଼ର ହରେକୃଷ୍ଣ ନାୟକ।

## ଛାତ୍ର ବିଜେଡି ବୈଠକ

ପାଟଣା,୮।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା କମ୍ୟୁନିଟି ସେଣ୍ଟରରେ ରବିବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କର୍ମକର୍ତ୍ତାଙ୍କୁ ନେଇ ପଞ୍ଚାୟତ ନିର୍ବାଚନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଛାତ୍ର ବିଜେଡି ସଭାପତି ଅଭିଜିତ ରଣାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅଭିଷେକ ବେହେରା, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ଜିଲା ଛାତ୍ର ବିଜେଡି ସଭାପତି ଅବିନାଶ ପଟ୍ଟନାୟକ, ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ପ୍ରଣବ କୁମାର ପହି ଓ ବିଜେଡି ଛାତ୍ର ଜନତା ଦଳର ସମସ୍ତ ବ୍ଲକ ଓ ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାର ଲାଗି ଚାଷୀ ହନ୍ତସନ୍ତ

- କୃତ୍ରିମ ଅଭାବକୁ ନେଇ ବଢ଼ୁଛି ଅସନ୍ତୋଷ
- ଚଢ଼ା ଦାମ୍‌ରେ ହେଉଛି ବିକ୍ରି

ବାରିପଦା ଅଫିସ,୮।୮

ମୟୂରଭଞ୍ଜ ଜିଲାରେ ୟୁରିଆ ସାରର କୃତ୍ରିମ ଅଭାବ ପରିଲକ୍ଷିତ ହୋଇଛି। ଲ୍ୟାମ୍ପସ ଓ ବେସରକାରୀ କେନ୍ଦ୍ର ଜରିଆରେ ଚାଷୀ ରିହାତି ମୂଲ୍ୟରେ ସାର ପାଇବାକୁ ଥିବାବେଳେ ସାରର ଘୋର ଅଭାବ ଦେଖାଦେଇଛି। ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁସାରେ ଚାଷୀମାନେ ସାର ପାଉ ନ ଥିବାରୁ ବଜାରରୁ ଚଢ଼ା ଦାମ୍‌ରେ କିଣିବାକୁ ବାଧ ହେଉଛନ୍ତି ।

ଜିଲାର ୮୦ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ବର୍ଷକୁ ୨ଥର ଧାନ ଚାଷ ହେଉଥିଲେ ହେଁ ପ୍ରାୟତଃ ଖରିଫ ଚାଷ ଉପରେ ସମସ୍ତେ ଭରସା କରିଥାନ୍ତି। ଜିଲାରେ ଥିବା ୪ଲକ୍ଷ ୩୭ହଜାର ହେକ୍ଟର ଜମିରୁ ୨ଲକ୍ଷ ୮୪ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ୩ଲକ୍ଷ ୯୮ହଜାର ଚାଷୀ ପରିବାର ପଞ୍ଜୀକୃତ ହୋଇଛନ୍ତି।

ଚଳିତ ବର୍ଷ ଜିଲାର ୨୬ଟି ବ୍ଲକରେ ଧାନ ଚାଷ କାର୍ଯ୍ୟ ୯୦ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଜମି ବେଉଷଣ ପରେ ରୁଆ ପୋତା ସରିବାକୁ ବସିଲାଣି। ଏହି ସମୟରେ ଧାନଗଛକୁ ଦରକାର ପଡ଼ିଥାଏ ୟୁରିଆ ସାର। ମାତ୍ର ଚଳିତ ଥର ଜିଲାକୁ ପର୍ଯ୍ୟାପ୍ତ ପରିମାଣରେ ସାର ଆସିଥିବା ବେଳେ କୃତ୍ରିମ ଅଭାବକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଅସାଧୁ ବେପାରୀମାନେ ଏହାର ସୁଯୋଗରେ କଳାବଜାରୀକୁ ଆପଣାଇଛନ୍ତି। ଜିଲା ସମବାୟ ସମିତି ଅଧୀନରେ ଥିବା ୫୨ଟି ସମିତି(ଲ୍ୟାମ୍ପସ) ମଧ୍ୟରୁ ୪୩ଟି ଓ ୪୩୬ଟି ବେସରକାରୀ ସଂସ୍ଥାକୁ ସାର ବିକ୍ରି ପାଇଁ ଅନୁମତି ମିଳିଛି।

ଚଳିତ ବର୍ଷ ୧୯ହଜାର ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକ ଥିବା ବେଳେ ଅଦ୍ୟାବଧି ୧୭ହଜାର ୬୫୦ ମେଟ୍ରିକ ଟନ୍ ଆସିଛି। ମାର୍କଫେଡ୍ ପକ୍ଷରୁ ସମବାୟ ସମିତିକୁ ଇଫ୍‌କୋ ୟୁରିଆ ସାର ପର୍ଯ୍ୟାପ୍ତ ପରିମାଣରେ ଦିଆଯାଇ ନ ଥିବାରୁ ସାରର ସଙ୍କଟ ଦେଖାଦେଇଛି। ଜୁଲାଇ ଏବଂ ଅଗଷ୍ଟ ମାସରେ ସମିତି ପକ୍ଷରୁ ୩ହଜାର ୩୨୦ଟନ୍ ୟୁରିଆ ସାରର ଆବଶ୍ୟକ ଥିବା ବେଳେ ଅଦ୍ୟାବଧି ମାର୍କଫେଡ୍ ପକ୍ଷରୁ ୧ହଜାର ୬୨୫ଟନ୍ ସାର ଯୋଗାଇ ଦିଆଯାଇଥିବା ନେଇ ଏରିଆ ମ୍ୟାନେଜର ସନ୍ତୋଷ କୁମାର ରାୟ ପ୍ରକାଶ କରିଛନ୍ତି।

ମାଣତ୍ରୀ ଅଞ୍ଚଳର ଚାଷୀ ମଧୁସୂଦନ ପତି କୁହନ୍ତି, ବାରମ୍ବାର ଲ୍ୟାମ୍ପସକୁ ଯାଇ ସାର ନ ପାଇବାରୁ ୟୁରିଆ ବସ୍ତା ପ୍ରତି ୨୬୬ଟଙ୍କା ୫୦ପଇସା ବଦଳରେ ଚଢ଼ା ଦରରେ ୪ଶହ ଟଙ୍କା ଦେଇ କିଣିବାକୁ ବାଧ ହେଉଛି। ୟୁରିଆ ସାରର ଅଭାବ ପାଇଁ ଧାନ ଅମଳ କମିପାରେ ବୋଲି ଚାଷୀ ଶୁକୁରା ସିଂ ଓ ମଧୁସୂଦନ ସିଂ କହିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆଙ୍କୁ ପଚାରିବାରୁ ଇଣ୍ଡେନ୍ ଅନୁସାରେ ସାର ଆସିଛି। କଳାବଜାରୀ ରୋକିବା ପାଇଁ ବିଭାଗ ପକ୍ଷରୁ ୧୧୨ଟି ବେସରକାରୀ କେନ୍ଦ୍ର ଉପରେ ଚଢ଼ାଉ କରାଯାଇଛି। ସେଥି ମଧ୍ୟରୁ ୩୦ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ସେ କହିଛନ୍ତି। ତେବେ କଳାବଜାରୀକୁ ରୋକିବା ସହ ରିହାତି ମୂଲ୍ୟରେ ସାର ଯୋଗାଇବା ପାଇଁ ଚାଷୀ ମହଲରେ ଦାବି ହେଉଛି।

## ତନବୀର ଆଲାମ ସଭାପତି, ମନୋରଞ୍ଜନ ସାଧାରଣ ସମ୍ପାଦକ



ବସ୍ ମାଲିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

### ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର, ୮।୮(ଡି.ଏନ୍.ଏ./ସ୍ୱ.ପ୍ର.)

କଡ଼ା ମୁକାବିଲା ମଧ୍ୟରେ କେନ୍ଦୁଝରର ଘରୋଇ ବସ ମାଲିକ ସଂଘର ନିର୍ବାଚନ ଶେଷ ହୋଇଛି। ରବିବାର ସନ୍ଧ୍ୟାରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିବାବେଳେ ନିର୍ବାଚନ ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗଣେଶ ପ୍ରସାଦ ମହାପାତ୍ର ଓ ଆନନ୍ଦ ଚନ୍ଦ୍ର ସାହୁ ଏହି ଫଳାଫଳ ଘୋଷଣା କରିଥିଲେ। ମୋଟ ୪୩ ଜଣ ସଦସ୍ୟଙ୍କ ମଧ୍ୟରୁ ସମସ୍ତ ସଦସ୍ୟ ଭୋଟ ଦେଇଥିଲେ। ସଭାପତି ଭାବେ ତନବୀର ଆଲାମ ୨୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିଂଘାଦ୍ରୀ ବିହାରୀ ସାହୁ ୨୦ଖଣ୍ଡ ଭୋଟ ପାଇଥିଲେ। ଗୁରୁତ୍ୱପୂର୍ଣ୍ଣ ସାଧାରଣ ସମ୍ପାଦକ ପାଇଁ ମନୋରଞ୍ଜନ ମିଶ୍ର ବିଜୟ ଲାଭ କରଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋରଞ୍ଜନ ସାହୁ ଗୋଟିଏ ଭୋଟରେ ପରାସ୍ତ ହୋଇଛନ୍ତି। ଉପସଭାପତି ପଦବୀ ପାଇଁ ଫିରୋଜ କୁମାର ସାହୁ ବିଜୟ ଲାଭ କରିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ସତ୍ୟରଞ୍ଜନ ସୋରେନ, କୋଷାଧକ୍ଷ ଭାବେ ବଳରାମ ମହାନ୍ତ ବିଜୟ ଲାଭ କରିଛନ୍ତି । ସେହିପରି କାର୍ଯ୍ୟକାରୀ କମିଟିକୁ ଦିବ୍ୟଜ୍ୟୋତି ନାୟକ, ଯଦୁମଣି ସେଠୀ, ବଦ୍ରିନାରାୟଣ ମହାନ୍ତ, କହ୍ନେଇ ବାରିକ, ସୁରେଶ ଚନ୍ଦ୍ର ବାରିକ, ପ୍ରତାପ ଚନ୍ଦ୍ର ନାୟକ, ରଙ୍ଗାଧର ସେଠୀ ଓ ଦିଲ୍ଲୀପ କୁମାର ବେହେରା ନିର୍ବାଚିତ ହୋଇଛନ୍ତି । ଦୁଇ ବର୍ଷ ପାଇଁ ଏହି ନୂତନ କମିଟି ଗଠିତ ହୋଇଥିବା ଘୋଷଣା କରାଯାଇଛି ।

# ଦୁଇ ଦିବ୍ୟାଙ୍ଗ ମହିଳାଙ୍କୁ ଥଇଥାନ




ଉଦ୍ଧାର ୨ ମହିଳାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଉଛି।

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ୱାନଷ୍ଟପ୍ ସେଣ୍ଟର କର୍ମକର୍ତ୍ତାମାନେ ଦୁଇ ଦିବ୍ୟାଙ୍ଗ ମହିଳାଙ୍କୁ ଉଦ୍ଧାର କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଏବଂ ଏକ ଅନୁବାଦକଙ୍କ ସହଯୋଗରେ ମହିଳାମାନଙ୍କ ଠିକଣା ମିଳିଥିଲା। ସେଣ୍ଟର ପକ୍ଷରୁ ଦୁଇ ମହିଳାମାନଙ୍କୁ ୫ଦିନ ପାଇଁ ଆଶ୍ରୟ ସହ ଖାଦ୍ୟ, ପୋଷାକ, ନିରାପତ୍ତା, ସୁରକ୍ଷା, ସ୍ୱଚ୍ଛ ପରିବେଶ ପ୍ରଦାନ କରି ପରିବାର ଲୋକଙ୍କୁ ଚିହ୍ନଟ କରି ହସ୍ତାନ୍ତର କରାଯାଇଛି।

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ବାଉଁଶତପା ଗ୍ରାମର ୨୭ବର୍ଷର ଜଣେ ମାନସିକ ବିକୃତ ମହିଳାଙ୍କୁ ତେଲେଙ୍ଗାନା ପୋଲିସ ଉଦ୍ଧାର କରି ଜନ୍‌ଗାଁଓର ୱାନଷ୍ଟପ ସେଣ୍ଟରକୁ ହସ୍ତାନ୍ତର କରିଥିଲେ। ମହିଳାଜଣକ ଓଡ଼ିଶା ବାଲେଶ୍ୱର ଜିଲାର ବାସିନ୍ଦା ବୋଲି ଜନଗାଁଓ ୱାନଷ୍ଟପ ସେଣ୍ଟର ଜାଣିବାକୁ ପାଇଥିଲା। ଜନଗାଁଓ ୱାନଷ୍ଟପ ସେଣ୍ଟର ବାଲେଶ୍ୱର ୱାନଷ୍ଟପ ସେଣ୍ଟର ସହଯୋଗକ୍ରମେ ମହିଳାଜଣକ ବାଲେଶ୍ୱରରେ ପହଞ୍ଚିଥିଲେ। ୫ଦିନ ରଖାଯିବା ପରେ ମହିଳାଙ୍କ ଠିକଣା ପାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ରେମୁଣା ଥାନାର କର୍ମଚାରୀମାନେ ଆରତୀ ସେଠୀ ନାମକ ଜଣେ ମହିଳାଙ୍କୁ ରେମୁଣା ଗୋଲେଇରୁ ଉଦ୍ଧାର କରି ବାଲେଶ୍ୱର ୱାନଷ୍ଟପ ସେଣ୍ଟରରେ ଛାଡ଼ିଥିଲେ। ମହିଳା ଜଣକ ମୁକ, ବଧିର ଏବଂ ମାନସିକ ବିକୃତ ଅଟନ୍ତି। ଅଙ୍ଗନୱାଡ଼ି କର୍ମୀ ଏବଂ ଏକ ଅନୁବାଦକଙ୍କ ସହଯୋଗରେ ତାଙ୍କ ଠିକଣା ମିଳିବା ପରେ ମହିଳାଙ୍କ ଭାଇଙ୍କ ସହ ଯୋଗାଯୋଗ କରି ହସ୍ତାନ୍ତର କରାଯାଇଛି।

## ପୂଜା କମିଟିର ନୂତନ କର୍ମକର୍ତ୍ତା

ଭଦ୍ରକ ଅଫିସ, ୮।୮

ଭଦ୍ରକ ଚରମ୍ପା ସ୍କୁଲ ରୋଡ୍ ପୂଜା କମିଟି ପକ୍ଷରୁ ଆବାହକ ତଥା ମୁଖ୍ୟ ଉପଦେଷ୍ଟା ନରେନ ପଲେଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଦୀର୍ଘ ୫୦ ବର୍ଷ ଧରି କମିଟି ପକ୍ଷରୁ ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ଓ ଗଣେଶପୂଜା ସୁଚାରୁ ରୂପେ ପାଳିତ ହୋଇ ଆସିଥିବା କୁହାଯାଇଥିଲା। ସର୍ବସମ୍ମତି କ୍ରମେ ସ୍କୁଲରୋଡ୍ ପୂଜା କମିଟିର ସଭାପତି ଭାବେ ଦିଲୀପ କୁମାର ନାୟକ, ସାଧାରଣ ସମ୍ପାଦକ ସଞ୍ଜୟ ତ୍ରିପାଠୀ ଓ କୋଷାଧକ୍ଷ ଗଗନ ସାମଲଙ୍କୁ ଚୟନ କରାଯାଇଛି। ଦୁର୍ଗାପୂଜା କମିଟିର ସଭାପତି ସୀତାକାନ୍ତ ଦାସ, ସାଧାରଣ ସମ୍ପାଦକ ସଞ୍ଜୟ ତ୍ରିପାଠୀ ଏବଂ କାଳୀପୂଜା କମିଟି ସଭାପତି ଭାବେ କଲ୍ଲୋଳ କୁମାର ଲେଙ୍କା, ସାଧାରଣ ସମ୍ପାଦକ ମଦନ ମୋହନ ମହାନ୍ତି ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଏହି କମିଟି ପୁରୁଣା କର୍ମକର୍ତ୍ତାଙ୍କ ପରାମର୍ଶରେ କାର୍ଯ୍ୟ କରିବ ବୋଲି ବୈଠକରେ ସ୍ଥିର ହୋଇଥିଲା।

## ମେଗା ରକ୍ତଦାନ ଶିବିର

ଯୋଡ଼ା/ବଡ଼ବିଲ, ୮।୮(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ବଲାଣିଠାରେ ରବିବାର ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବଲାଣି ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବକ ଚନ୍ଦ୍ରମୋହନ କେରାଇ ରକ୍ତଦେଇ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାପତି ରମଣୀ ନାଏକ, ସମ୍ମାନିତ ଅତିଥିଭାବେ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଓଡ଼ିଶା ମୋ ପରିବାରର ଜିଲା ସଭାପତି ଦେବାଶିଷ ସାହୁ ଯୋଗଦେଇଥିଲେ। ଜିଲା ବିଜେଡି ବରିଷ୍ଠ ଉପସଭାପତି କୁଶ ଆପଟଙ୍କ ପରିଚାଳନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଓଡ଼ିଶା ବ୍ଲଡ୍ ବ୍ୟାଙ୍କର କେନ୍ଦୁଝର ଶାଖା ପକ୍ଷରୁ ଡାକ୍ତର ଚନ୍ଦନ କୁମାର ବାରିକ, ଅକ୍ଷୟ କୁମାର ସାହୁ, ହେମରଞ୍ଜନ ମହାନ୍ତ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାଙ୍କୁ ଶିବିରରେ ବିଭିନ୍ନ ଫଳଗଛ ଚାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ, ପୂର୍ବତନ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବରିଷ୍ଠ ବିଜେଡ଼ି ନେତା ବିଜୟ ମହାନ୍ତି, ଜିଲା ପରିଷଦ ସଭ୍ୟା ଜୟନ୍ତୀ ବାନାରା, ଚମ୍ପୁଆର ବିଜେଡି ନେତା ଗିରିଜାଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗଠନ ମଜଭୁତ ଲାଗି ଏକାଠି ହେବାକୁ ଆହ୍ୱାନ

ଚାନ୍ଦବାଲି,୮।୮(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଞ୍ଚମ ଥର ପାଇଁ ଚାନ୍ଦବାଲି ପଞ୍ଚାୟତ ସମିତି ଦଖଲ ପାଇଁ ବିଜେଡି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ବିଧାୟକ ବ୍ୟୋମକେଶ ରାୟ ଏକ ବୈଠକରେ ଦଳୀୟ କର୍ମୀଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ପ୍ରତି ପଞ୍ଚାୟତରୁ ଆସିଥିବା ୫ ଜଣ ଲେଖାଏ ଆଗୁଆ ଦଳୀୟ କର୍ମୀ ବୈଠକରେ ଉପସ୍ଥିତ ଥିଲେ। ଅଞ୍ଚଳର ବିକାଶ ପାଇଁ ସମସ୍ତେ ଏକାଠି ହୋଇ ସଙ୍ଗଠନକୁ ମଜଭୁତ କରିବାକୁ ସେ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକମାନେ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରି ୧୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଉପସଭାପତି ଅଶୋକ ବଳ, ପ୍ରତାପ ଧଳ, ଶରତ ସାହୁ, ବଳଭଦ୍ର ଲେଙ୍କା, ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ପ୍ରିନ୍ସ ରାକେଶ ନାୟକ, ପ୍ରଭାସ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଲୋକଙ୍କ ଲାଗି ସମର୍ପିତ ଥିଲେ ରବୀନ୍ଦ୍ର

ଖଇରା, ୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଅଞ୍ଚଳରେ ଜଣେ ପରୋପକାରୀ ଦରଦୀ ମଣିଷ ବାମପନ୍ଥୀ ବିଚାରଧାରା ବ୍ୟକ୍ତି ଭାବେ ପରିଚିତ ବିଶିଷ୍ଟ ଜୀବନ ବୀମା ଅଧିକାରୀ ରବୀନ୍ଦ୍ର କୁମାର ଦାସ(୬୬)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ଏହି ଅବସରରେ ଗଣ୍ଡିବେଡ ବଜାର ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ଅଭିମନ୍ୟୁ ରାଉଳ, କୃଷ୍ଣଚନ୍ଦ୍ର ରାଉଳ, ପଦ୍ମଲୋଚନ ଜେନାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସାଧାରଣ ଲୋକଙ୍କ ପାଇଁ ସେ ସମର୍ପିତ ଥିଲେ ଆଲୋକପାତ କରିଥିଲେ । ସେ ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦର ଜଣେ ସକ୍ରିୟ ସଭ୍ୟ ରହିବା ସହ କଟକକୁ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ରୋଗୀଙ୍କ ପାଇଁ ତାଙ୍କର ସହଯୋଗ ରହୁଥିଲା ।

## ଡାକ୍ତରଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ବାରିପଦା ଅଫିସ,୮।୮

ମୟୂରଭଞ୍ଜ ଜିଲା ବଡ଼ସାହି ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କୁ ଅସାମାଜିକ ବ୍ୟକ୍ତିଙ୍କ ଦୁର୍ବ୍ୟବହାର ଘଟଣାକୁ ବିକାଶ ମଞ୍ଚ ଦୃଢ଼ ନିନ୍ଦା କରିଛି। ଏ ନେଇ ରବିବାର ସ୍ଥାନୀୟ ଡାକବଙ୍ଗଳା ପରିସରରେ ଆବାହକ ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା ସମୟରେ ଡାକ୍ତରମାନେ ଅନବରତ ସେବା ପ୍ରଦାନ କରିଆସୁଛନ୍ତି । ଏଭଳି ସମୟରେ ଅସାମାଜିକ ଲୋକେ ସେମାନଙ୍କୁ ଗାଳିଗୁଲଜ କରିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଞ୍ଚର ସମସ୍ତ ସଦସ୍ୟ ଡାକ୍ତରଖାନାକୁ ଯାଇ ସମ୍ପୃକ୍ତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଡାକ୍ତର ଓ ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏ ନେଇ ମଞ୍ଚର ସଦସ୍ୟମାନେ ବଡ଼ସାହି ଥାନାଧିକାରୀଙ୍କ ସହ ଆଲୋଚନା କରି ରାତିରେ ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସଦସ୍ୟ ଅରୁଣ କୁମାର ଓତା, ରଣଜିତ ଦାସ, ରାଜେନ୍ଦ୍ର ଜେନା, ପ୍ରକାଶ କରମହାପାତ୍ର, ଶଶାଙ୍କ ଶେଖର କର, ମନୋରଞ୍ଜନ ବଳା, ମନୋଜ ପଣ୍ଡା, କୁମାର ବାବୁଲି, ସମରେନ୍ଦ୍ର ବେହେରା ଓ ଦୀପକ ବୁରୁଡ଼େଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଡାକ୍ତରଙ୍କ ସହ ବିକାଶ ମଞ୍ଚର କର୍ମକର୍ତ୍ତା ଅଲୋଚନା କରୁଛନ୍ତି।

## ୧୧ରୁ ଦୁର୍ନୀତି ପ୍ରତିବାଦରେ ଅନଶନ




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଭଣ୍ଡାରିପୋଖରୀ,୮।୮(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଛି। ଯୋଗ୍ୟ, ଜରି ପାଲ ତଳେ ରହୁଥିବା ଲୋକ ତାଲିକାରୁ ବାଦ୍ ପଡ଼ିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଗରିବ ଲୋକଙ୍କ ହକ୍ ପାଇଁ ଭାଜପା ଆସନ୍ତା ୧୧ ତାରିଖରୁ ବ୍ଲକ ଅଫିସ ସମ୍ମୁଖରେ ଗଣ ଅନଶନ କରିବ ବୋଲି ରବିବାର ପାହିମହୁରାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ବଦ୍ରିନାରାୟଣ ଧଳ କହିଛନ୍ତି। ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ସରପଞ୍ଚ ଜଗବନ୍ଧୁ ଦାସ, ମଣିକାଞ୍ଚନ ସେନାପତି, କମଳ ନନ୍ଦ, ବାବାଜୀ ଚରଣ ଜେନା, ମଣ୍ଡଳ ସଭାପତି ଗିରିଶ ସାମଲ, ନିର୍ମଳ କର,ପ୍ରଦ୍ୟୁମ୍ନ ସେନାପତି, ପୂର୍ଣ୍ଣଚନ୍ଦ୍ର ଖିଲାର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସରୁନି ଏନ୍‌ଏଚ୍-୨୦ ଓଭରବ୍ରିଜ ସର୍ଭିସରୋଡ୍ ନିର୍ମାଣ

କେନ୍ଦୁଝର, ୮।୮ (ସ୍ୱ.ପ୍ର.)

ଜିଲା ମୁଖ୍ୟାଳୟକୁ ଲାଗିଥିବା ବାଲିଆଗୋଡା ସ୍ଥିତ ଏନ୍‌ଏଚ୍ ୨୦ର ଓଭରବ୍ରିଜ ସର୍ଭିସ ରୋଡ ନିର୍ମାଣ ସରୁନି। ଏହା ବ୍ୟବହାର ହେବା ପୂର୍ବରୁ ଲୋକଙ୍କ ଯାତାୟାତ ଅସୁରକ୍ଷିତ ହୋଇ ପଡିବାରୁ ଏହାର ମରାମତି କାମ ଏଆରଏସ୍ଏସ୍ ନାମକ ସଂସ୍ଥାକୁ ଦିଆଯାଇଥିଲା।

ତେବେ ସମୟ ଅବଧି ସରିବାକୁ ବସିଥିଲେ ହେଁ ଏହାର ମରାମତି କାମ ସରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହାର ତଦାରଖ ଏନ୍‌ଏଚ୍ଏଆଇ ପକ୍ଷରୁ ମଧ କରାଯାଉନାହିଁ କିମ୍ବା ପ୍ରଶାସନ ପକ୍ଷରୁ ତାଗିଦ କରାଯାଉ ନ ଥିବାରୁ କାମରେ ମନ୍ଥର ଗତିକୁ ନେଇ ଅସନ୍ତୋଷ ବଢୁଛି। ଏପରିକି କାମ ଚାଲିଥିବା ସ୍ଥାନରେ ସୂଚନା ଫଳକ ମାରୁ ନ ଥିବାରୁ ବହୁ ଗାଡ଼ି ଚାଳକ ଉକ୍ତ ରାସ୍ତାରେ ଯାଇ ଫେରୁଛନ୍ତି। ଫଳରେ ଦୂରଦୂରାନ୍ତକୁ ଯାଉଥିବା ଗାଡି ଚାଳକ ମାନେ ହଇରାଣ ହୋଇ ଅଯଥାରେ ଅଧିକ ସମୟ ନଷ୍ଟ କରି ବୁଲି ଯିବା ଆସିବା କରୁଥିବା ମାଧପୁର ନିବାସୀ ତଥା ପ୍ରେସ କ୍ଲବ ଉପସଭାପତି ପ୍ରଦିପ ମହାନ୍ତି କହିଛନ୍ତି।

ଏପରିକି ଉପଯୁକ୍ତ ତଦାରଖର ଅଭାବ ଯୋଗୁ ନିମ୍ନମାନର କାମ ହେଉଥିବାରୁ ରାସ୍ତା ଓ ଡ୍ରେନର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଡ୍ରେନ୍ ଗୁଡିକରେ ଠିକ ଭାବରେ ନିର୍ମାଣ ହୋଇ ନ ଥିବାରୁ ଅଙ୍କାବଙ୍କା ରହିଛି। ଜଳ ନିଷ୍କାସନ ଠିକ ଭାବେ ହୋଇ ନ ପାରିଲେ ପାଣି ରାସ୍ତାରେ ଜମା ହୋଇ ରହିବ। ଫଳରେ ଆଗାମୀ ଦିନରେ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସେହିପରି ସବୁ ଡ୍ରେନ୍ ମୁକୁଳା ହୋଇପଡ଼ିଛି। ଫଳରେ ପାଦରେ ଚାଲି ଯାଉଥିବା ଲୋକ ଅନ୍ଧାର ରାତିରେ ଡ୍ରେନ୍‌ରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ରହିଛି ବୋଲି ରାଇସୁଆଁ ନିବାସୀ ଜଲାଲଉଦ୍ଦିନ ଆକବର କହିଛନ୍ତି । ଏହି ରାସ୍ତା ଦେଇ ବଡବିଲ ଆଡୁ କେନ୍ଦୁଝର ସହରକୁ ଲୋକ ମାନେ ଯିବାଆସିବା କରିଥାନ୍ତି । ସେହିପରି ବାଲିଆଗୋଡା, ରାଇସୁଆଁ, ପଦ୍ମପୁର ଆଦି ଅଞ୍ଚଳର ଲୋକ ମାନେ ସବୁଦିନ ଅଫିସ, ବ୍ୟବସାୟ ଆଦି କାମରେ ଯିବା ଆସିବା କରିଥାନ୍ତି । ଏଣୁ ଏହି ସ୍ଥାନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଣୁ ଏହାର ତୁରନ୍ତ କାମ ଶେଷ କରିବା ସହ କାମର ମାନ ଯାଞ୍ଚ କରିବାକୁ ଆଖପାଖ ଅଞ୍ଚଳବାସୀ ଜିଲାପାଳ ଆଶୀଷ ଠାକ୍‌ରେଙ୍କୁ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ଏଡିଏମ୍ ସନ୍ତୋଷ ନାୟକ କହିଛନ୍ତି, ମରାମତି କାମ ସାରିବା ପାଇଁ ଉକ୍ତ ସଂସ୍ଥାକୁ କୁହାଯାଇଛି। ଏହାସହ ଲୋକେ ସୁବିଧାରେ ଯାତାୟାତ ଲାଗି ସୂଚନା ଫଳକ ଲଗାଯିବାକୁ କୁହାଯିବ।

## ରାସ୍ତାକଡ଼ରୁ ଗଳିତ ମୃତଦେହ ଜବତ

ସୋର,(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ତଳନଗର ନିକଟ ଜାତୀୟ ରାଜପଥ କଡରୁ ରବିବାର ଏକ ଅଜଣା ଗଳିତ ମୃତଦେହ ପୋଲିସ ଜବତ କରିଛି। ସକାଳେ ସ୍ଥାନୀୟ ଲୋକ ମୃତଦେହ ପଡ଼ିଥିବା ଦେଖି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ. ୬୦/୨୧) ରୁଜୁ କରି ବ୍ୟବଚ୍ଛେଦ ପରେ ବାଲେଶ୍ୱରରେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।



**ସଂକ୍ଷେପରେ**

## ନିଖୋଜ ଶିଶୁପୁତ୍ରର ମୃତଦେହ ନଦୀରୁ ଉଦ୍ଧାର

ରୂପସା, ୮।୮(ଡି.ଏନ.ଏ.)-ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅଧୀନ ବେଲପାରିଆ ଗାଁ ନିକଟ ଶନିବାର ରାତିରୁ ନିଖୋଜ ଥିବା ଜଣେ ୪ବର୍ଷ ଶିଶୁପୁତ୍ରର ମୃତଦେହ ବୁଢ଼ାବଳଙ୍ଗ ନଦୀରୁ ପୋଲିସ ଉଦ୍ଧାର କରିଛି। ମୃତ ଶିଶୁ ହେଲେ ରେମୁଣା ଥାନା ଦୋଳଗୋହିରା ଗ୍ରାମର ସଞ୍ଜୟ କୁମାର ଖଟୁଆଙ୍କ ପୁଅ ସୌମ୍ୟରାଜ। ସେ ଗତ ୬ ତାରିଖ ସନ୍ଧ୍ୟାରେ ଘରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୁଅକୁ ପାଇ ନ ଥିଲେ। ଏନେଇ ରେମୁଣା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଜଣେ ଶିଶୁଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ରାଧାଗୋବିନ୍ଦ ମଦ୍ଦୁଆଳ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତ ଶିଶୁକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୯/୨୧) ରୁଜୁ ହୋଇ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ବଜ୍ରପାତରେ ଚାଷୀ ମୃତ

ଜଳେଶ୍ୱର, ୮।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ରବିବାର ଅପରାହ୍ନରେ ବର୍ଷା ସହିତ ବଜ୍ରପାତ ହେବାରୁ ବିଲରେ ପୋଟଳ ତୋଳୁଥିବା ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏକତାଳି ଗାଁର ଗଜେନ୍ଦ୍ର ସାହୁଙ୍କ ପୁଅ ଭଗିରଥ ସାହୁ(୫୨)। ସୋମବାର ଜଳେଶ୍ୱର ସାପ୍ତାହିକ ହାଟ ଥିବାରୁ ଭଗିରଥ ପୋଟଳ ତୋଳିବାକୁ ବିଲକୁ ଯାଇଥିଲେ। ସେହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ତଳେ ପଡ଼ିଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ଖୋଜାଖୋଜି କରି ପୋଟଳ ବାଡିରୁ ତାଙ୍କୁ ପାଇଥିଲେ। ବଜ୍ରପାତରେ ତାଙ୍କ ଦେହର ବିଭିନ୍ନ ସ୍ଥାନ ପୋଡ଼ିଯାଇଛି। ଜିକେଭଟର ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୈଶିଙ୍ଗା,୮।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଦାରିହା ଗ୍ରାମସ୍ଥିତ ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଏକ ନିମ୍ବ ଗଛରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ପ୍ରଦୀପ ବାରିକ। ସେ ବାରିପଦାରେ ନିଜ ପରିବାର ସହ ଭଡ଼ାଘରେ ରହୁଥିଲେ। କିଛି ଦିନ ତଳେ ଘରକୁ ଫେରିଥିଲେ। ତେବେ ୩ ଦିନ ହେଲା ସେ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ। ସକାଳେ ଗ୍ରାମବାସୀ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୧) ରୁଜୁ ହୋଇଛି।

## ସାପ କାମୁଡ଼ାରେ ମହିଳା ମୃତ

ରୂପସା, ୮।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କରୁଆ ଗ୍ରାମର ଉମେଶ ମୁର୍ମୁଙ୍କ ସ୍ତ୍ରୀ ସୁମିତା(୨୦) ଶନିବାର ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୧) ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହୋଇଛି। ସେ ବିଲରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ମହିଳା ଜଣକୁ ଗୁରୁତର ଅବସ୍ଥାରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ନିଶାଗ୍ରସ୍ତ ଅବସ୍ଥାରେ ଲୋକଙ୍କୁ ଲୁଟୁଥିଲେ, ୨ ଗିରଫ

ରୂପସା, ୮।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦ୍ଦାଫାଣ୍ଡି ଅଧୀନ ବାଇଗଣବାଡ଼ିଆ ନିକଟରୁ ବସ୍ତା ପୋଲିସ ରବିବାର ୨ଜଣ ଲୁଟ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଇଡ଼ିଦା ଗ୍ରାମର ମନୋରଞ୍ଜନ ଦାସ ଓ ସାହାଡ଼ା ଗ୍ରାମର ଜାକିର ଖାଁ। ଏହି ଦୁଇଜଣ ଲୁଟେରା ନିଶାଗ୍ରସ୍ତ ଅବସ୍ଥାରେ ଲୋକଙ୍କୁ ମାରପିଟ୍ କରିବା ସହିତ ପଥଚାରୀମାନଙ୍କୁ ଧମକାଇ ଲୁଟ୍ କରୁଥିଲେ। ଖବରପାଇ ପୋଲିସ ସେଠାରେ ସଦଳବଳେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୨୨୬/୨୧) ରୁଜୁ କରି ପୋଲିସ ଗିରଫଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଅଧାରୁ ପାଠ ଛାଡ଼ିଲେ ୧୬୯ ଛାତ୍ରୀଛାତ୍ର

ଚମ୍ପୁଆ,୮।୮(ଡି.ଏନ.ଏ.)

ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଅନେକ ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡୁଛନ୍ତି। ଦୀର୍ଘଦିନ ହେଲା ବିଦ୍ୟାଳୟକୁ ଆସୁନାହାନ୍ତି। ବର୍ତ୍ତମାନ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ଶିକ୍ଷା ପ୍ରତି ଆକୃଷ୍ଟ କରିବା ଶିକ୍ଷା ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଶିକ୍ଷାବିଭାଗ ଅଧୀନ ତଥା ଚମ୍ପୁଆ ଏନ୍ଏସି ଅଧୀନରେ ପ୍ରାୟ ୧୬୯ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଲେଣି। କେତେଜଣ ଘରର ଆର୍ଥିକ ପରିସ୍ଥିତି ଯୋଗୁ ପରିବାର ଲୋକଙ୍କ ସହ ମିଶି ଦିନମଜୁରିଆଭାବେ କାମ କରୁଛନ୍ତି ତ କେତେଜଣ ନିଜ ଘରର ଗୃହପାଳିତ ପଶୁ ଚରାଉଛନ୍ତି। ଏପରିକି କିଛି ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ମଧ କେତେଜଣ ବିଦ୍ୟାଳୟଠାରୁ ଦୂରେଇ ଯାଉଛନ୍ତି। ଏହି ବ୍ଲକର ୧୫୬ଜଣ ଓ ଚମ୍ପୁଆ ଏନ୍ଏସି ଅଞ୍ଚଳର ୧୩ ଛାତ୍ରୀଛାତ୍ର ଅଧାରୁ ପାଠପଢ଼ା ଛାଡ଼ିଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଧାରୁ ଅଧିକ ଆଦିବାସୀ ଶ୍ରେଣୀର। ଏ ସମ୍ପର୍କରେ ଚମ୍ପୁଆ ବିଇଓ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ପ୍ରତ୍ୟେକ ସିଆର୍‌ସିଙ୍କୁ ୨ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ସେମାନେ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ, ଅବସରପ୍ରାପ୍ତ ଶିକ୍ଷକ, ସ୍ଥାନୀୟ ପ୍ରଧାନ ଶିକ୍ଷକଙ୍କୁ ନେଇ ବୈଠକ ମାଧ୍ୟମରେ ସଚେତନ କରି ପିଲାଙ୍କୁ ବିଭିନ୍ନ ସରକାରୀ ଛାତ୍ରାବାସରେ ରଖାଇ ଶିକ୍ଷା ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।


ପାଠ ଛାଡ଼ି ଜଣେ ଛାତ୍ରୀ ଗାଇ ଚରାଇବାକୁ ଯାଉଛନ୍ତି।

# ୪୦ଜଣିଆ ଅବକାରୀ ଟିମ୍‌ର ଚଢ଼ାଉ

**୧୫ଲକ୍ଷ ଟଙ୍କାର ଆସବାବପତ୍ର ଜବତ, ୩ ମାମଲା ରୁଜୁ**


ଜବତ ମଦ ଓ ସାମଗ୍ରୀ ସହ ଅବକାରୀ ଟିମ୍।

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ୪୦ଜଣିଆ ଟିମ୍ ରବିବାର ପୁରୁଣାବାଲେଶ୍ୱର ଅଞ୍ଚଳର ପ୍ରାୟ ୧୫ଟି ସ୍ଥାନରେ ଚଢ଼ାଉ କରିଥିଲେ। ଚୋରା ମଦ ବେପାରୀମାନେ ପୋଖରୀ ଓ ବାଡ଼ି ଭିତରେ ଲୁଚାଇ ରଖିଥିବା ଦେଶୀ ମଦ ଓ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ଜବତ କରିଛନ୍ତି। ୧୭ହଜାର ଲିଟର ପୋଚ ଓ ୧୨୫୦ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ପ୍ରାୟ ୧୫ଲକ୍ଷ ଟଙ୍କାର ଆସବାବପତ୍ର ଜବତ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏନେଇ ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଫିସରେ ମାମଲା (ନଂ. ୪୩/୨୧-୨୨), ସଦର ରେଞ୍ଜ ଅଫିସ୍ ମାମଲା (ନଂ. ୨୨/୨୧-୨୨) ଓ ସଦର ଅବକାରୀ ବିଭାଗ ଅଫିସ୍ ମାମଲା (ନଂ. ୨୮/୨୧-୨୨) ରୁଜୁ କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ, ଅବକାରୀ ଡେପୁଟି କମିଶନର ଅଶୋକ କୁମାର ଶତପଥି ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥିଲା।

# ବରିଷ୍ଠଙ୍କୁ ଅବହେଳା ନେଇ ଅସନ୍ତୋଷ

ଭଦ୍ରକ ଅଫିସ,୮।୮

ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଲଲାଟେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର କହିଥିଲେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଲମ୍ବା ଲାଇନରେ ଛିଡ଼ା ହୋଇ କାଉଣ୍ଟରରୁ ଟିକେଟ ଆଣି ଡାକ୍ତରଙ୍କ ପରାମର୍ଶ ନିମନ୍ତେ ବରିଷ୍ଠ ନାଗରିକମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଆଗରୁ ଟିକେଟ କାଉଣ୍ଟର ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଖୋଲା ଯାଉଥିଲା। ମାତ୍ର ଏବେ ଏହାକୁ ଉଠାଇ ଦେବା ନେଇ ପ୍ରଶ୍ନ ଉଠାଇଛି ମହାସଂଘ। ବରିଷ୍ଠ ନାଗରିକଙ୍କୁ ଏଭଳି ଅବହେଳା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ସମାଧାନ ଲାଗି ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଅଭିଯୋଗ କରିବାକୁ ନିଷ୍ପତ୍ତି ହୋଇଛି।

ପ୍ରତି ମାସ ଦ୍ୱିତୀୟ ରବିବାର ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ପ୍ରକାଶ କରିଥିଲେ। ଉପଦେଷ୍ଟା ଏସ୍. ଏମ୍. ଫାରୁକ, ରଙ୍ଗ ବଲ୍ଲଭ ଜେନା, ପ୍ରଭାକର ମଲ୍ଲିକ, ନିହାର ଦାସ, କାର୍ଯ୍ୟକାରୀ ସଭ୍ୟ ଅଟଳ ବିହାରୀ ନାୟକ, ଶଶିକାନ୍ତ ପାଢ଼ୀ, ଗଦାଧର ପଣ୍ଡା, ବୈଲୋଚନ ବେହୁରିଆ, ପ୍ରଶାନ୍ତ ଦେ, ହରେକୃଷ୍ଣ ମହାକୁଡ଼ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ।

## ନାବାଳିକା ବିବାହ ରୋକିଲା ପ୍ରଶାସନ

ପଦ୍ମପୁର, ୮।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ଅଞ୍ଚଳରେ ଜଣେ ନାବାଳିକାଙ୍କ ବିବାହ ବନ୍ଦ କରିଛି ପ୍ରଶାସନ। ପ୍ରକାଶ ଯେ, ଜଣେ ନାବାଳିକାଙ୍କୁ ଅପହରଣ ନେଇ ଗତ ୩୧ ତାରିଖରେ କଷିଆ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା(ନଂ.୯୮/୨୧) ରୁଜୁ କରି ଅପହୃତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତ ଯୁବକ ଜାମିନରେ ଆସି ଶନିବାର ରାତିରେ ଉକ୍ତ ନାବାଳିକାଙ୍କୁ ବିବାହ କରୁଥିବା ସୂଚନା ପାଇ ଥାନାଧିକାରୀ ପ୍ରଦୀପ ମାଝୀ, ଏଏସ୍ଆଇ ଲରେନ୍ସ କୁଜୁରୁ, ମନୋଜ ବେହେରା, ଅଙ୍ଗନୱାଡି କର୍ମୀ ପହଞ୍ଚି ବନ୍ଦ କରିବା ସହ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଚୋରା ମଦ ବେପାରୀ ଗିରଫ

ଖୁଣ୍ଟା/କୁଆମରା,୮।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପୋଲିସ ରବିବାର ବଡବଦା ଗ୍ରାମରେ ଚଢ଼ାଉ କରି ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତ ହେଲେ ମିନତୀ ସିଂ। ଏହାବ୍ୟତୀତ ସେହି ଗ୍ରାମରେ ଅନ୍ୟ ଏକ ସ୍ଥାନରେ ବେଆଇନ ଭାବେ ଗଢ଼ି ଉଠିଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ୨୦୦ ଲିଟର ଦେଶୀ ମଦ ଓ ବିପୁଳ ପରିମାଣର ପୋଚ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ଓ ଉଦଳା ଅବକାରୀ କର୍ମଚାରୀ ସାମିଲ ଚଢ଼ାଉରେ ସାମିଲ ହୋଇଥିଲେ।

# କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ଜିଲା କଂଗ୍ରେସ କମିଟିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ରବିବାର ରାଜୀବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଗିରି ଏହି କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ସେପ୍ଟେମ୍ବର ୧୫ ସୁଦ୍ଧା ସମସ୍ତ ପଞ୍ଚାୟତ କମିଟି ଓ ବୁଥ କମିଟି ଗଠନ ସହିତ ପଞ୍ଚାୟତ, ପୌର ନିର୍ବାଚନ ପାଇଁ ଦଳର ସଙ୍ଗଠନ ମଜବୁତ କରିବା ଓ କଂଗ୍ରେସ ଭବନର ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଇଥିଲେ। ନବନିଯୁକ୍ତ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା, ନିମନ୍ତ୍ରିତ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ସମେତ ଜିଲାର ସମସ୍ତ ବ୍ଲକ ଓ ନଗର କଂଗ୍ରେସ ସଭାପତି ଉପସ୍ଥିତ ଥିଲେ।

ବାଲେଶ୍ୱରର ପୂର୍ବତନ ବିଧାୟକ ତଥା ଦିବଙ୍ଗତ ନେତା ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରାର୍ଥନା କରାଯାଇଥିଲା। ପରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ପାଇଁ ସର୍ବଦା ଚେଷ୍ଟିତ ସହ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଭଦ୍ରକ ସଂସଦୀୟ ନେତ୍ରୀ ମଧୁମିତା ପଣ୍ଡା ମଧ କଂଗ୍ରେସ କର୍ମୀମାନଙ୍କୁ ଜାଗ୍ରତ ହେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁରେନ୍ଦ୍ର ପରମାଣିକଙ୍କ ସମେତ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ଭୋଗରାଇ ନେତା ସତ୍ୟଶିବ ଦାସ, ବସ୍ତା ନେତା ବିଜନ ନାୟକ, ସଦର ନେତ୍ରୀ ମମତା କୁଣ୍ଡୁ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃବୃନ୍ଦ।

## ଲୁଟ୍ ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

ବାଲିଆପାଳ, ୮।୮(ସ୍ୱ.ପ୍ର.)

ବାଲେଶ୍ୱର ଓ ବାରିପଦା ଥାନା ଅଞ୍ଚଳରୁ ପୂର୍ବରୁ ହୋଇଥିବା ଲୁଟ୍ ଘଟଣାରେ ବାଲିଆପାଳ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହଳଦୀପଦାର ରଞ୍ଜନ ପରିଡ଼ାଙ୍କୁ ବାରିପଦା ଥାନା ଏବଂ ହଳଦୀପଦା ଗ୍ରାମର ରବି ନାୟକଙ୍କୁ ବାଲେଶ୍ୱର ସଦର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି।

ହଳଦୀପଦାର ରଞ୍ଜନ ଏବଂ ରବି ବିଭିନ୍ନ ସମୟରେ ଲୁଟ୍ ମାମଲରେ ସମ୍ପୃକ୍ତ ରହୁଥିଲେ। ରବିଙ୍କ ନାମରେ ବାଲେଶ୍ୱରରେ ଅଭିଯୋଗ ଥିବା ବେଳେ ରଞ୍ଜନଙ୍କ ନାମରେ ବାରିପଦା ଥାନାରେ ଲୁଟ୍ ଅଭିଯୋଗ ଥିଲା। ଉଭୟେ ଶନିବାର ବାଲିଆପାଳ ବଜାଜ ଶୋରୁମ୍‌ରେ ନିଜର ବାଇକ୍ ମରାମତି କରିବାକୁ ଆଣିଥିବା ବେଳେ ବାଲେଶ୍ୱର ଏବଂ ବାରିପଦା ପୋଲିସ ବାଲିଆପାଳ ପୋଲିସକୁ ଖବର ଦେଇଥିଲେ। ବାଲିଆପାଳ ଥାନା ଏସ୍ଆଇ ସ୍ୱର୍ଣ୍ଣପ୍ରଭା ଜେନା ସଦଳବଳେ ବଜାଜ ଶୋରୁମ୍‌କୁ ଘେରାଉ କରି ୨ଅଭିଯୁକ୍ତଙ୍କୁ ଗିରଫ କରି ଉଭୟ ପୋଲିସକୁ ହସ୍ତାନ୍ତର କରିଛନ୍ତି।

# ମେରାଇନ କେଜ୍ କଲଚର ପ୍ରକଳ୍ପ ଉଦ୍‌ଘାଟିତ


ସମୁଦ୍ର ଭିତରେ କେଜ୍ କଲଚର ପ୍ରକଳ୍ପକୁ ଏମ୍‌ପି ପ୍ରତାପ ଷଡଙ୍ଗୀ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ବାହାବଳପୁରଠାରେ ଗଭୀର ସମୁଦ୍ରରେ ପଞ୍ଜୁରୀ ଭିତରେ ମାଛ ଚାଷ (ମେରାଇନ କେଜ୍ କଲଚର) ପ୍ରକଳ୍ପକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ଜାତୀୟ ମତ୍ସ୍ୟସମ୍ପଦ ଉନ୍ନୟନ ବୋର୍ଡ଼ ଦ୍ୱାରା ଶତ ପ୍ରତିଶତ ଆର୍ଥିକ ସହାୟତାରେ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛି। ବାହାବଳପୁର ମାଛ ଉତ୍ପାଦନ କେନ୍ଦ୍ରଠାରୁ ପ୍ରାୟ ୨୦ କିଲୋମିଟର ଭିତରେ ଏହି ପ୍ରକଳ୍ପ କରାଯାଇଥିବା ବେଳେ ରବିବାର ଏମ୍‌ପି ଷଡ଼ଙ୍ଗୀ ଏବଂ ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀଗଣ ଟ୍ରଲର ଜରିଆରେ ସେଠାକୁ ଯାଇ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏମ୍‌ପି ଷଡ଼ଙ୍ଗୀ କହିଥିଲେ ଯେ, ସମଗ୍ର ଦେଶରେ ଏହା ହେଉଛି ପ୍ରଥମ ପାଇଲଟ୍ ପ୍ରୋଜେକ୍ଟ। ଏହାଦ୍ୱାରା ଅଧିକ ମତ୍ସ୍ୟ ଉତ୍ପାଦନ ହେବ ଓ ଆମର ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ ଏବଂ ମତ୍ସ୍ୟ ଉଦ୍ୟୋଗୀଙ୍କ ଆୟର ବୃଦ୍ଧି ହେବ। ଏହା ମଧ ସୁଲଭ ମୂଲ୍ୟରେ ପୁଷ୍ଟିକର ଖାଦ୍ୟର ଉତ୍ସ ହେବ ବୋଲି କହିଛନ୍ତି।

# ଡାକବାଜି ଯନ୍ତ୍ର ମାଧ୍ୟମରେ ଡେଙ୍ଗୁ, କରୋନା ସଚେତନତା

**ଆଶା, ଅଙ୍ଗନୱାଡି କର୍ମୀଙ୍କ ଅଭିନବ ପଦକ୍ଷେପ**

ଖଇରା, ୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଗନ୍ଧାଳି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଜନସାଧାରଣଙ୍କୁ ଡେଙ୍ଗୁ ,ମ୍ୟାଲେରିଆ ଏବଂ କରୋନା ସଚେତନତା ଲାଗି ଆଶା, ଅଙ୍ଗନୱାଡି କର୍ମୀମାନେ ଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ଭିନ୍ନ ଶୈଳୀର ବାର୍ତ୍ତା ପ୍ରଦାନ କରିଛନ୍ତି। ଡେଙ୍ଗୁ ଓ ମ୍ୟାଲେରିଆରୁ ରକ୍ଷା ପାଇବାକୁ ହେଲେ ଘର ଚାରିପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ମଶାରି ଟାଣି ଶୁଅନ୍ତୁ । ସେହିଭଳି ବର୍ତ୍ତମାନ କରୋନାର ଭୟାବହତା କମି ନ ଥିବା ବେଳେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ସାଙ୍ଗକୁ ସାବୁନରେ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ଅଗଷ୍ଟ ୧୦ ତାରିଖରୁ ସେପ୍ଟେମ୍ବର ୩ତାରିଖ ପର୍ଯ୍ୟନ୍ତ କୃମିନାଶକ ଦିବସ ପାଳନ ଅବସରରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବଟିକା ଖୁଆଇବା ସମ୍ପର୍କରେ ଆଶା ଗାୟତ୍ରୀ ମହାନ୍ତି ଓ କର୍ମୀ ସବିତା ମୁଖୀ ସୂଚନା ଦେଇଛନ୍ତି।


ଆଶା ଓ ଅଙ୍ଗନୱାଡ଼ି କର୍ମୀ ଗାଁଗାଁରେ ପ୍ରଚାର କରୁଛନ୍ତି।

## ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ**

ସୋର, ୮।୮(ଡି.ଏନ୍.ଏ.)

ସୋର ଥାନା ଅଧୀନ ଅନନ୍ତପୁର ଜେନାସାହିର ଜଣେ ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହା ଏକ ଯୌତୁକଜନିତ ହତ୍ୟାକାଣ୍ଡ ବୋଲି ମହିଳାଙ୍କ ବାପଘର ଲୋକେ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହି ସାହିର ମହେନ୍ଦ୍ର ଜେନାଙ୍କ ସ୍ତ୍ରୀ ଜୁଲି ଶନିବାର ପୂର୍ବାହ୍ନରେ ଘରେ କେହି ନ ଥିବା ବେଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ବିଲରେ ଧାନତଳି ରୋଉଥିବା ତାଙ୍କ ଶ୍ୱଶୁରଘର ଲୋକ ଖବର ପାଇ ପୋଲିସକୁ ଖବର ଦେଇଥିଲେ। ଏନେଇ ଜୁଲିଙ୍କ ମାମୁ ଗୋଲକ ଜେନା ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ମାମଲା( ନଂ. ୨୯୯/୨୧) ରୁଜୁ କରବା ପରେ ବ୍ୟବଚ୍ଛେଦ କରାଇଛି। ସ୍ୱାମୀ ମହେନ୍ଦ୍ରଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି।

# ତୁଡିଗଡିଆରେ ବିଏସଏଫ ଯବାନଙ୍କୁ ସମ୍ବର୍ଦ୍ଧନା


ଶହିଦ ସ୍ତମ୍ଭ ନିକଟରେ କାହ୍ନୁ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୮।୮(ଡି.ଏନ.ଏ.)

ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ପରେଡରେ ଅଂଶଗ୍ରହଣ କରି ନିଜର ଚମତ୍କାରିତା ଦେଖାଇଥିବା କାହ୍ନୁ ଚରଣ ମିଶ୍ର (୪୩)ଙ୍କୁ ତୁଡିଗଡିଆଠାରେ ରବିବାର ସମ୍ବର୍ଦ୍ଧିତ କରାଯାଇଛି । ଶହୀଦ ଜନକଲ୍ୟାଣ ପରିଷଦ ତଥା ବଜାର କମିଟି ଆନୁକୂଲ୍ୟରେ ଶହିଦ ସ୍ମୃତିସ୍ତମ୍ଭ ନିକଟରେ ଯବାନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସନ୍ତ କୁମାର ସାହୁ, ଭାସ୍କର ପାଣିଗ୍ରାହୀ, ଟୁକୁନା ବେଜ ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଙ୍କ ଘର ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ । ସେ ୧୯୯୮ ମସିହାରେ ରାଜସ୍ଥାନ ଯୋଧପୁର ଟ୍ରେନିଂ ମୁଖ୍ୟ କାର୍ଯ୍ୟାଳୟରେ କନଷ୍ଟେବଲ ଭାବେ ନିଯୁକ୍ତି ପାଇଥିଲେ। ଚଳିତବର୍ଷ ଦିଲ୍ଲୀ ପରେଡରେ ସୁସଜ୍ଜିତ ଓଟ ଚାଳନା ପ୍ରଦର୍ଶନୀରେ ନିଜ ପାରଦର୍ଶିତା ଦେଖାଇ ପ୍ରଶଂସିତ ହୋଇଥିଲେ । ନିଜର ଆକର୍ଷଣୀୟ ନିଶ ପାଇଁ ବେଶ ଚର୍ଚ୍ଚିତ ଥିବା ମିଶ୍ର ପୂର୍ବରୁ ରାଜସ୍ଥାନ ଆନ୍ତର୍ଜାତୀୟ ମରୁ ଉତ୍ସବରେ ଦଉଡିଟଣା, ମୁଛଶ୍ରୀ, ଓଟସଜ୍ଜା ପ୍ରତିଯୋଗିତାରେ ମଧ ପ୍ରଥମସ୍ଥାନ ଅଧିକାର କରିଥିଲେ । ଦେଶର ସୁରକ୍ଷା ସାଙ୍ଗକୁ ଓଡିଶାର ନାମକୁ ଆଗକୁ ବଢାଇବା ଲାଗି ତାଙ୍କର ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।

## ସ୍ୱାମଶାସନରେ ଗୀତା ଯଜ୍ଞ

ପାଟଣା,୮।୮(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ବିଶ୍ୱଶାନ୍ତି ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ବେଦଜ୍ଞ ପଣ୍ଡିତ ଗଣଙ୍କୁ ନେଇ ପ୍ରଥମେ ଗ୍ରାମଦେବତୀ ମାଜଣ ପରେ, ଚଣ୍ଡୀ ପାଠ, ଗୀତା ଯଜ୍ଞ, ସୋମେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ ଓ ସନ୍ଧ୍ୟାରେ ସତ୍ୟ ନାରାୟଣ ପାଲା ପୂଜା ଅନୁଷ୍ଠିତ ହୋଇଛି। ପଣ୍ଡିତ ଅର୍ଦ୍ଧେନ୍ଦୁ ଚକ୍ର ବର୍ତ୍ତୀ, ଅଲେଖ ଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ଶେଖର ଦାଶ, ଗୌର ଚନ୍ଦ୍ର ତ୍ରିପାଠୀ, ଶିବ ପ୍ରଶାଦ ଦାଶ, ତରୁଣ ତ୍ରିପାଠୀ, ରାଜ ବଲ୍ଲଭ ମିଶ୍ର ପ୍ରମୁଖ ମନ୍ତ୍ର ଓ ଗୀତା ପାଠ କରିଥିଲେ। ଯଜ୍ଞ ଅନୁଷ୍ଠାନରେ କର୍ତ୍ତା ଭାବେ ଅଜିତ କୁମାର ଦାଶ ଓ ତାଙ୍କ ସ୍ତ୍ରୀ ଅଞ୍ଜଳୀ ଦାଶ ଦେବନୀତି ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ଞାନେନ୍ଦ୍ର କୁମାର ମିଶ୍ର, ବୀର ମୋହନ ଦ୍ୱିବେଦୀ, ସୁମିତ କୁମାର ପତି, ସୌମ୍ୟ ରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

